# ବାଂଲାଦେଶରେ ମୃତ୍ୟୁସଂଖ୍ୟା ୨୨କୁ ବୃଦ୍ଧି

**ଢାକା, ୨୨।୫/ଏଜେନ୍ସି :** ସାମୁଦ୍ରିକ ଝଡ ଅମ୍ପନ ମାଡ଼ରେ ବାଂଲାଦେଶରେ ଅନ୍ୟୂନ ୨୨ ଜଣଙ୍କ ପ୍ରାଣହାନି ଘଟିଥିବା ଜଣାପଡ଼ିଛି । ବାଂଲାଦେଶର ଉପକୂଳବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ବହୁ ପରିବାରଙ୍କର ବଞ୍ଚିବାର ରାହା ଛଡ଼ାଇ ନେଇଛି ଅମ୍ପନ । ୨୦୦୭ରେ ସାମୁଦ୍ରିକ ଝଡ଼ 'ସିଦ୍ର' ପ୍ରକୋପରେ ପ୍ରାୟ ୩,୫୦୦ ଲୋକ ପ୍ରାଣ ହରାଇଥିଲେ ।



## ସାମୁଦ୍ରିକ ଝଡ଼ 'ଅମ୍ପନ'

ଇତିମଧ୍ୟରେ ବାଂଲା ପ୍ରଧାନମନ୍ତ୍ରୀ ଶେଖ ହାସିନା ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ମଧ୍ୟରେ 'ଅମ୍ପନ' କ୍ଷୟକ୍ଷତି ସମ୍ପର୍କିତ ଆଲୋଚନା ହୋଇଯାଇଛି । ସାମୁଦ୍ରିକ ଝଡ ଅମ୍ପନ ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳ ଦେଇ ବାଂଲାଦେଶ ଅତିକ୍ରମ କରିବା ପରେ କ୍ରମଶଃ ଦୁର୍ବଳ ହୋଇଯାଇଛି । ବୁଧବାର ମଧ୍ୟରାତ୍ରୀରେ ଏହି ମହାବାତ୍ୟା ବାଂଲାଦେଶ ଅତିକ୍ରମ କଲାବେଳେ ସେଠାରେ ପ୍ରବଳ ବର୍ଷା ଓ ଝଡତୋଫାନ ଅନୁଭୂତ ହୋଇଥିଲା । ଫଳରେ ଉପକୂଳ ଓ ଖାଲୁଆ ଅଞ୍ଚଳଗୁଡିକ ଜଳମଗ୍ନ ହୋଇଯାଇଛି । ବହୁସଂଖ୍ୟକ କଚାଘର ମାଟିରେ ମିଶିଯାଇଛି । ବିଶାଳ ଗଛ ଓ ବିଦ୍ୟୁତଖୁଣ୍ଟ ଉପୁଡିପଡିଛି । ବାଂଲାଦେଶର ବାରବୁନା, ସାତଖିରା, ପିରୋଜପୁର, ଭୋଲା ଓ ପାଟୁଆଖାଲି ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଅମ୍ପନ ପ୍ରଭାବରେ ମେଘନା, ଭୋଲା, ବଲେଶ୍ୱର, ବିଷଖାଲି ଓ ପୈରା ନଦୀରେ ଜଳପରନ ବିପଦ ସଙ୍କେତ ଉପରେ ପ୍ରବାହିତ ହୋଇଛି । ବାଂଲାଦେଶର ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଛି । ବିପନ୍ନ ଅଞ୍ଚଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ଜାରିରହିଛି । ଅବଶ୍ୟ ମହାବାତ୍ୟାକୁ ଦୃଷ୍ଟିରେ ରଖି ସରକାର ୨୪ ଲକ୍ଷ ଲୋକଙ୍କୁ ସ୍ଥାନାନ୍ତର କରିଥିଲେ । ୫ ଲକ୍ଷ ଗୃହପାଳିତ ପଶୁଙ୍କୁ ନିରାପଦ ସ୍ଥାନରେ ରଖାଯାଇଥିଲା । ବାଂଲାଦେଶରେ ପ୍ରାୟ ୧୪ ହଜାର ବାତ୍ୟା ଆଶ୍ରୟସ୍ଥଳରେ ଲୋକଙ୍କୁ ଅସ୍ଥାୟୀ ଭାବେ ରଖାଯାଇଛି ।